୧୫ଟି କବିତାରେ ସମୃଦ୍ଧ ପୁସ୍ତକଟି କିଶୋର, ଶିଶୁମାନଙ୍କ ପାଇଁ ସୁଖପାଠ୍ୟ । ପାଲାଗାୟକ ଥିବାରୁ ଲେଖକ କବିତା ଗୁଡ଼ିକରେ ବିଭିନ୍ନ ରାଗ ରାଗିଣୀର ଭାବନା ସନ୍ନିବେଶିତ କରିଛନ୍ତି । ବିଭିନ୍ନ ଫୁଲକୁ ନେଇ ରଚିତ କବିତା ଗୁଡ଼ିକ ସୁଖପାଠ୍ୟ ।

## ମନୋଜ ଦାସଙ୍କ ଗଳ୍ପରେ ମାନବ ଜୀବନ

ଲେଖକ– ଅଧ୍ୟାପକ ଡକ୍ଟର ମଣୀନ୍ଦ୍ର କୁମାର ମେହେର, ପ୍ରକାଶକ– ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ– ୨, ମୂଲ୍ୟ ସାଦା ବନ୍ଧେଇ ଏକଶହ କୋଡ଼ିଏ ଟଙ୍କା, ବନ୍ଧେଇ ଏକଶହ ଚାଳିଶ ଟଙ୍କା ।

କେବଳ ଓଡ଼ିଆ ଗଳ୍ପ ନୁହେଁ, ଭାରତୀୟ କଥାସାହିତ୍ୟ ଅନ୍ତର୍ଜାତୀୟ ସ୍ତରରେ ମନୋଜ ଦାସ ଜଣେ ଅନନ୍ୟ ଗାଳ୍ପିକ ତଥା ବାଗ୍ମୀ ଭାବରେ ସୁପରିଚିତ । ୧୯୪୯–୫୦ରୁ ଗଳ୍ପ ରଚନା କ୍ଷେତ୍ରରେ ମନୋନିବେଶ କରିଥିବା ଶ୍ରୀ ଦାସ ଯେଭଳି ଅସାଧାରଣ ଦୃଷ୍ଟିଭଙ୍ଗୀ ନେଇ ମଣିଷର ଜୀବନଚର୍ଯ୍ୟାକୁ ଅନୁଶୀଳନ କରି ପାଠକ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି ତାହା ତାଙ୍କୁ ଜଣେ ସାର୍ଥକ କଥାଶିଳ୍ପୀର ଆସନରେ ଆସୀନ କରାଇଛି । ନିତିଦିନିଆ ଜୀବନରେ ସାଧାରଣ



ଅସାଧାରଣ ଅନୁଭୂତି ତାଙ୍କ ଲେଖନୀରେ ଏଭଳି ଜୀବନ୍ତ ଓ କଳ୍ପନାତୀତ ଭାବେ ବର୍ଣ୍ଣିତ ହୁଏ ଯାହା ପାଠକର ପ୍ରାଣକୁ ସିକ୍ତକରେ । ବସ୍ତୁତଃ ଦେଖିବାକୁ ଗଲେ ଏକ ଅଭାବନୀୟ ତଥା ଅନିର୍ବଚନୀୟ ଅନ୍ତଦୃଷ୍ଟି ହିଁ ତାଙ୍କର ଗଳ୍ପକୁ ପାଠକେ ସହିତ ଏକାତ୍ମୀଭୂତ କରାଏ । ନିଗୂଢ଼ ସତ୍ୟର ପରିପ୍ରକାଶ ହେଉ ବା ମଣିଷର

# ପୁସ୍ତକ

ଦୁଃଖ, ଅଭାବବୋଧ, ଅସହାୟତା ହେଉ ଅଥବା ମେହନତୀ ମଣିଷର ଗ୍ଲାନି, ନୈରାଶ୍ୟ ହେଉ । ସବୁକିଛି ତାଙ୍କର ଲେଖନୀରେ ଅସାଧାରଣ ହୋଇ ଉଠେ । ଏହି ପରିପ୍ରେକ୍ଷୀରେ ତାଙ୍କ ଗଳ୍ପରେ ମାନବ ଜୀବନର ପରିପ୍ରକାଶ ଯେଭଳି ସାର୍ଥକ ସେହିଭଳି ଅତି ତାତ୍ପର୍ଯ୍ୟପୂର୍ଣ୍ଣ । ଆଲୋଚ୍ୟ ପୁସ୍ତକରେ ଲେଖକ ଡଃ. ମେହେର ଗାଳ୍ପିକ ମନୋଜ ଦାସଙ୍କ ଗଳ୍ପସମ୍ଭାରକୁ ନିଷ୍ଠାପରଭାବେ ଅନୁଧ୍ୟାନ କରି ମାନବ ଜୀବନ ପରିପ୍ରେକ୍ଷୀରେ ତହିଁର ଅନୁଶୀଳନାତ୍ମକ ଅଧ୍ୟୟନ ପାଠକ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି । ଓଡ଼ିଆ ଭାଷା ସାହିତ୍ୟର ଛାତ୍ର ଶିକ୍ଷକ ଗବେଷକମାନଙ୍କ ପାଇଁ ଏହା ଏକ ଉପାଦେୟ ପୁସ୍ତକ ଭାବରେ ବିବେଚିତ ହେବ ବୋଲି ଆଶା ।

## ସତ୍ୟବାଦୀ–୧୯୯୯

ଲେଖକ–ଭୀମସେନ ମହାପାତ୍ର, ପ୍ରକାଶକ– ପ୍ରଭାତୀ ମହାପାତ୍ର, ହରଚଣ୍ଡୀ ସାହି, ପୁରୀ । ମୂଲ୍ୟ–୨୦ଟଙ୍କା ।

ସତ୍ୟବାଦୀର ଅବସ୍ଥିତି, ଯୋଗାଯୋଗ, ବୃଷ୍ଟିପାତ, ଶିକ୍ଷାନୁଷ୍ଠାନ, ସାକ୍ଷରହାରଠାରୁ ଆରମ୍ଭକରି କୃଷି, ଶସ୍ୟ ଉତ୍ପାଦନ ଇତ୍ୟାଦି ସମସ୍ତ ତଥ୍ୟ ଲେଖକ ଏହି ପୁସ୍ତକରେ ଉପସ୍ଥାପିତ କରିଛନ୍ତି । ଏହା ଅତ୍ୟନ୍ତ ଉପଯୋଗୀ ହୋଇପାରିଛି ।

## ଅଥର୍ବର ଚର୍ଯ୍ୟାଚର୍ଯ୍ୟ

ଲେଖକ– ବଟକୃଷ୍ଣ ଖୁଣ୍ଟିଆ, ପ୍ରକାଶକ–ରାଜଲକ୍ଷ୍ମୀ ଦେବୀ, ବାଲେଶ୍ୱର । ମୂଲ୍ୟ–୪୫ଟଙ୍କା ।

କବିଙ୍କର ୬୩ଟି କବିତାରେ ସମୃଦ୍ଧ ପୁସ୍ତକଟିର ଅଧିକାଂଶ କବିତା ସମସାମୟିକ ବିଷୟ ବସ୍ତୁକୁ ନେଇ ରଚିତ । କବି ପ୍ରାଣର ବେଦନା ଏଥିରେ ସ୍ପଷ୍ଟଭାବେ ପରିପ୍ରକାଶ ଘଟିଛି । କବିତାର ଭାଷା ସରଳ ହୋଇଥିବାରୁ ଏହା ସବୁ

Samaj 20.8.2006